# ନିର୍ମା ଲିମିଟେଡ୍

# ବନାମ

# ମେସର୍ସ ଲର୍ଜି ଲେଣ୍ଟଜେସ୍ ଏନର୍ଜିଟେକ୍ନିକ୍ ଜିଏଚ୍ ବିଏଚ୍ ଏବଂ ଅନ୍ୟଜଣେ

# ଜାନୁଆରୀ 14, 2002

# [ଆର୍.ସି. ଲାହୋଟୀ ଏବଂ କେ.ଜି. ବାଲକ୍ରିଷ୍ଣନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ମଧ୍ୟସ୍ଥତା ଏବଂ ମିଳାମିଶା ଅଧିନିୟମ, 1996:*

*ଧାରା 37 (2) ଏବଂ (3) - ଅପିଲୀୟ ଆଦେଶ - ଉଚ୍ଚ ନ୍ୟାୟାଳୟରେ ଏହା ବିରୁଦ୍ଧରେ ପୁନଃରୀକ୍ଷଣ ଆବେଦନ - ଏହାକୁ ବଜାୟ ରଖିବାର ଯଥାର୍ଥତା - ନିର୍ଣ୍ଣୟ ନିଆଗଲା ଯେ, ବିଶେଷ ଅନୁମତି ଆବେଦନକୁ ଗ୍ରହଣ କରାଯିବ ନାହିଁ, ଯେହେତୁ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଅଧୀନରେ ଉଚ୍ଚ ନ୍ୟାୟାଳୟରେ ଏକ ପୁନଃରୀକ୍ଷଣ ଆବେଦନ ଦାୟର କରିବା ମାଧ୍ୟମରେ ଆବେଦନକାରୀଙ୍କ ନିକଟରେ ଏକ ପ୍ରଭାବଶାଳୀ ବିକଳ୍ପ ପ୍ରତିକାର ଉପଲବ୍ଧ ଅଛି । କେବଳ ଧାରା 37 ର ଉପ-ଧାରା (3) ର ପ୍ରାବଧାନ ଅନୁଯାୟୀ ଏକ ଅପିଲେଟ୍ ଆଦେଶ ବିରୁଦ୍ଧରେ ଦ୍ୱିତୀୟ ଅପିଲ ବାରଣ କରାଯାଇଥିବା କାରଣରୁ, ଆବେଦନକାରୀଙ୍କ ପାଇଁ ପୁନଃରୀକ୍ଷଣର ପ୍ରତିକାର ଶେଷ ହୋଇଯାଏ ନାହିଁ; କାରଣ ଧାରା 37 ର ଉପ-ଧାରା (2) ଅଧୀନରେ ଅପିଲର ନିଷ୍ପତ୍ତି କରୁଥିବା ସହର ଦେୱାନୀ ନ୍ୟାୟାଳୟ, ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ର ଅର୍ଥ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଅଧୀନସ୍ଥ ଏକ ଅଧସ୍ତନ ନ୍ୟାୟାଳୟ ହୋଇ ରହିଥାନ୍ତି - ଦେୱାନୀ ପ୍ରକ୍ରିୟା ସଂହିତା, 1908 - ଧାରା 115 - ଭାରତୀୟ ସମ୍ବିଧାନ - ଅନୁଚ୍ଛେଦ 136 ।*

*ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ କମ୍ପାନୀ ବନାମ ଭାରତ ସଂଘ,* **[1996] 2 SCC 132 ମାମଲା ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 22106/2001 ।

ସି.ଏମ୍.ଏ. ସଂଖ୍ୟା 155/2001 ରେ ଅହମ୍ମଦାବାଦର ସହର ଦେୱାନୀ ନ୍ୟାୟାଳୟଙ୍କ 21.8.2001 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଆବେଦନକାରୀଙ୍କ ତରଫରୁ ସୁରେଶ ଏ. ଶ୍ରଫ୍ ଏବଂ କମ୍ପାନୀ ପାଇଁ ଅଶୋକ ଦେଶାଇ, ଡକ୍ଟର ଏ.ଏମ୍. ସିଂଘଭି, ଡି.ଏ. ଦବେ, ପି.ଏସ୍. ଶ୍ରଫ୍, ସୁନୀଲ ଡୋଗ୍ରା ଏବଂ ଜୟନ୍ତ ମେହେଟ୍ଟା ।

ଉତ୍ତରଦାତାମାନଙ୍କ ତରଫରୁ ସୁଶ୍ରୀ ଇନ୍ଦୁ ମାଲହୋତ୍ରାଙ୍କ ପାଇଁ ପି. ଚିଦାମ୍ବରମ, ରବିନ ଜୟସିଂଘାନୀ ଏବଂ ଶାୟଲ ତ୍ରେହାନ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 136 ଅଧୀନରେ ଏକ ଆବେଦନ, ଯେଉଁଥିରେ ଅହମ୍ମଦାବାଦସ୍ଥିତ ସହର ଦେୱାନୀ ନ୍ୟାୟାଳୟ ସଂଖ୍ୟା 11 ଙ୍କ ଦ୍ୱାରା ମଧ୍ୟସ୍ଥତା ଏବଂ ମିଳାମିଶା ଅଧିନିୟମ, 1996 ର ଧାରା 37 ର ଉପ-ଧାରା (2) ଅଧୀନରେ ପାରିତ ଏକ ଅପିଲୀୟ ଆଦେଶ ବିରୁଦ୍ଧରେ ଦେୱାନୀ ଅପିଲ ଦାୟର କରିବା ପାଇଁ ଅନୁମତି ଲୋଡ଼ାଯାଇଛି । ଆମେ ଏହି ବିଶେଷ ଅନୁମତି ଆବେଦନକୁ ଗ୍ରହଣ କରିବାକୁ ଇଚ୍ଛୁକ ନାହୁଁ, କାରଣ ଆମ ମତରେ, ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ଅଧୀନରେ ଉଚ୍ଚ ନ୍ୟାୟାଳୟରେ ଏକ ପୁନଃରୀକ୍ଷଣ ଆବେଦନ ଦାୟର କରିବା ମାଧ୍ୟମରେ ଆବେଦନକାରୀଙ୍କ ନିକଟରେ ଏକ ପ୍ରଭାବଶାଳୀ ବିକଳ୍ପ ପ୍ରତିକାର ଉପଲବ୍ଧ ଅଛି । କେବଳ ଧାରା 37 ର ଉପ-ଧାରା (3) ର ବ୍ୟବସ୍ଥା ଅନୁଯାୟୀ ଏକ ଅପିଲୀୟ ଆଦେଶ ବିରୁଦ୍ଧରେ ଦ୍ୱିତୀୟ ଅପିଲ ବାରଣ କରାଯାଇଥିବା କାରଣରୁ, ଆବେଦନକାରୀଙ୍କ ପାଇଁ ପୁନଃରୀକ୍ଷଣର ପ୍ରତିକାର ଶେଷ ହୋଇଯାଏ ନାହିଁ; କାରଣ ଧାରା 37 ର ଉପ-ଧାରା (2) ଅଧୀନରେ ଏକ ଅପିଲର ନିଷ୍ପତ୍ତି କରୁଥିବା ସହର ଦେୱାନୀ ନ୍ୟାୟାଳୟ, ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 115 ର ଅର୍ଥ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଅଧୀନସ୍ଥ ଏକ ଅଧସ୍ତନ ନ୍ୟାୟାଳୟ ହୋଇ ରହିଥାନ୍ତି । ଏହି ମତ ପୋଷଣ କରିବା କ୍ଷେତ୍ରରେ, ଆମେ *ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ କମ୍ପାନୀ ବନାମ ଭାରତ ସଂଘ,* [1996] 2 SCC 132 ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିରୁ ସମର୍ଥନ ପାଉଛୁ ।

ତେଣୁ ବିଶେଷ ଅନୁମତି ଆବେଦନକୁ ଖାରଜ କରାଯାଉଛି । ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ପୁନଃରୀକ୍ଷଣ ଆବେଦନ ଦାୟର କରିପାରନ୍ତି ଏବଂ ମିଆଦ ଗଣନା କରିବା ସମୟରେ, ଆବେଦନକାରୀ ଏହି ନ୍ୟାୟାଳୟରେ ଅତିବାହିତ କରିଥିବା ସମୟ, ଅର୍ଥାତ୍ ବିଶେଷ ଅନୁମତି ଆବେଦନ ଦାୟର କରିବା ତାରିଖ ଏବଂ ଆଜି ମଧ୍ୟରେ ଥିବା ସମୟକୁ ବାଦ୍ ଦେବାର ଅଧିକାର ପାଇବେ ।

ଆର୍.ପି. ଆବେଦନ ଖାରଜ ହେଲା ।

ନିର୍ମା ଲିମିଟେଡ୍ ବନାମ ମେସର୍ସ ଲର୍ଜି ଲେଣ୍ଟଜେସ୍ ଏନର୍ଜିଟେକ୍ନିକ୍ ଜିଏଚ୍ ବିଏଚ୍

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**